## ଟ୍ରାକ୍ଟର ଚକାତଳେ ଚାପିହୋଇ ଚାଳକ ମୃତ

**ଝାରସୁଗୁଡ଼ା ଅଫିସ:** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ଯୋରାବଗା ଆରସିପି ପଡ଼ାରେ ମଙ୍ଗଳବାର ପାଣି ଟ୍ୟାଙ୍କର ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଟ୍ରାକ୍ଟର ଚାଳକ ଜଣଙ୍କ ହେଲେ ବେଲପାହାଡ ମହିଯୋର ଗ୍ରାମର ବିକି ଲୁହାର(୨୨)। ଦୁର୍ଘଟଣା ସମ୍ପର୍କରେ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଦୁର୍ଘଟଣାଗ୍ରସ୍ତ ଓଡି.କେ ୫୫୭୫ନଂ. ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ସେ ଟ୍ରାକ୍ଟର ଚଳାଉଥିବାବେଳେ ନିଜେ ଚକା ତଳେ ପଡ଼ିବାରୁ ଚାପି ହୋଇଯାଇଥିଲେ।

**ସଂକ୍ଷେପରେ**

### ୩ ବନ୍ଧୁକ, ଅଫୁଟା ଗୁଳି ସହ ୨ ବାଇକ୍ ଜବତ

କୁତ୍ରା, ୨୬।୪ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ କଣ୍ଡେଇମୁଣ୍ଡା ଗ୍ରାମରୁ ପୋଲିସ ବନ୍ଧୁକ, ଗୁଳି ସହିତ ବାଇକ୍ ଜବତ କରିଛି। ଗତ କିଛିଦିନ ପୂର୍ବେ ସିମଡେଗା ଅଞ୍ଚଳରେ ବଟି ଆଦାୟକୁ ନେଇ ଗୁଳିକାଣ୍ଡ ଘଟିଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ୩ଜଣ ସିମ୍‌ଡେଗା ଅଞ୍ଚଳରୁ ଫେରାର ହୋଇ କନ୍ଦେଇମୁଣ୍ଡା ଗ୍ରାମକୁ ଆସି ଏକ ଭଡା ଘରେ ରହୁଥିଲେ। ତେବେ ସିମଡେଗା ପୋଲିସ ସେମାନଙ୍କ ମୋବାଇଲକୁ ଟ୍ରାକ୍ କରି ରବିବାର ବିଳମ୍ବିତ ରାତିରେ କୁତ୍ରା ପୋଲିସ ସହାୟତାରେ କନ୍ଦେଇମୁଣ୍ଡା ଗ୍ରାମରେ ଚଢ଼ାଉ କରିଥିଲେ। ଚଢ଼ାଉ ହେବାର ଜାଣିପାରି ସେମାନେ ସେଠାରୁ ଚମ୍ପଟ ମାରିଥିଲେ। ପରେ ପୋଲିସ ସେମାନେ ରହୁଥିବା ଘରେ ଯାଞ୍ଚ କରି ଘର ଭିତରୁ ୩ଟି ବନ୍ଧୁକ, ଜୀବନ୍ତ ଗୁଳି ଓ ୨ ବାଇକ୍‌କୁ ଜବତ କରି ସିମଡେଗା ନେଇ ଯାଇଥିବା ଜଣାପଡିଛି।

### ଡମ୍ଫର ଦୁର୍ଘଟଣା: ୧୩ରୁ ଊର୍ଦ୍ଧ୍ୱ ଆହତ

ଲହୁଣୀପଡା, ୨୬।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଭୁଡୁଡା ପଞ୍ଚାୟତ ସରେଇକେଲା ଘାଟି ରାସ୍ତାରେ ଏକ ଡମ୍ଫର ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ବସିଥିବା ଯାତ୍ରୀଙ୍କ ମଧ୍ୟରେ ପ୍ରାୟ ତେର ଜଣରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନେ ହେଲେ ସାହେ ଯୋଯୋ, ସିସିଆଲ ଦାନ, ଯାକୁବ ସରେନା, ଲିଲି ସାମନ୍ତ, ଜୋହାନ ସାମନ୍ତ, ସୁସେନ ମୁଣ୍ଡା, ପ୍ୟାରୀ ଟପ୍ନୋ, ଟେରେସା ମୁଣ୍ଡା, ପ୍ରଫିଲିତ ଟପ୍ନୋ, କିଶୋର ଟପ୍ନୋ, ଜୁରେଖା ସାମନ୍ତ, ରବେତ ସାମନ୍ତ। ଭୁଡୁଡା ପଞ୍ଚାୟତ ସରେଇକେଲା ଓ ଚଡା ଗ୍ରାମର କେତେକ ବିପିଏଲ ହିତାଧିକାରୀ ମିଳିତ ଭାବେ ପଞ୍ଚାୟତରୁ ମାସିକିଆ ଚାଉଳ ନେଇ ଗ୍ରାମକୁ ଫେରୁଥିବାବେଳେ ସରେଇକେଲା ଘାଟି ରାସ୍ତାରେ ଡମ୍ଫର କୌଣସି କାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ଟେନ୍‌ସା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ପଠାଇଥିଲେ। ଆହତମାନଙ୍କ ମଧ୍ୟରୁ ୩/୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାଉରକେଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସୁନ୍ଦରଗଡ଼ ମେଡିକାଲ କଲେଜ ସରକାରଙ୍କୁ ହସ୍ତାନ୍ତର

ସୁନ୍ଦରଗଡ଼,୨୬।୪(ଡି.ଏନ.ଏ)

ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲା ତଥା ଏହାର ଆଖପାଖ ଜିଲାର ଜନସାଧାରଣଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏନ୍‌ଟିପିସି ପକ୍ଷରୁ ସୁନ୍ଦରଗଡ଼ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ କରାଯାଇଛି। ଆଧୁନିକ ଭିତ୍ତିଭୂମି ଏଠାରେ ରହିଛି। ମଙ୍ଗଳବାର ମେଡିକାଲ କଲେଜ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏନ୍‌ଟିପିସି ପକ୍ଷରୁ ଏହି ଭିତ୍ତିଭୂମିକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯାଇଛି।

ଏନ୍‌ଟିପିସି ଜେନେରାଲ ମ୍ୟାନେଜର ପରେଶ ଗଜଲେୱାର ବିଧିବଦ୍ଧ ଭାବେ ରାଜ୍ୟ ସରକାରଙ୍କୁ ଭିତ୍ତିଭୂମି ହସ୍ତାନ୍ତର କରିଥିଲେ। ସରକାରଙ୍କ ପକ୍ଷରୁ ମେଡିକାଲ କଲେଜ ଡିନ ପ୍ରଫେସର ଡାକ୍ତର ଦୈତାରୀ ରାଉତରାୟ ଏବଂ ପୂର୍ତ୍ତ ଓ ଗୃହ ନିର୍ମାଣ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ପଟେଲ ଆନୁସଙ୍ଗିକ କାଗଜପତ୍ର ଓ




ଆନୁସଙ୍ଗିକ କାଗଜପତ୍ର, ମେଡିକାଲ କଲେଜ ହସ୍ପିଟାଲର ପ୍ରତିକୃତି ପ୍ରଦାନ କରାଯାଉଛି।

ମେଡିକାଲ କଲେଜ ହସ୍ପିଟାଲର ଏକ ପ୍ରତିକୃତି ଗ୍ରହଣ କରିଥିଲେ। ୨୦୧୪ରେ ଏନ୍‌ଟିପିସି ପକ୍ଷରୁ ସୁନ୍ଦରଗଡ଼ରେ ୨୧ ଏକର ଜମିରେ ଏକ ଅତ୍ୟାଧୁନିକ ହସ୍ପିଟାଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୧ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ରାଜ୍ୟ ସରକାର ଗତବର୍ଷ ଏହାକୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଭାବରେ ମଞ୍ଜୁରୀ ଦେଇଥିଲେ। ଏହି ମେଡିକାଲ କଲେଜ ପାଇଁ ଡିନ ଓ ଆଡିସନାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମଧ୍ୟ ନିଯୁକ୍ତି ମିଳିସାରିଛି। ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲ କାର୍ଯ୍ୟକ୍ଷମ ଓ ଏହାର ସୁପରିଚାଳନା ପାଇଁ ଗତ ଏପ୍ରିଲ ୮ରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ମେଡିକାଲ କଲେଜ ପରିସରରେ ଆୟୋଜିତ ଏହି ବୈଠକରେ ନ୍ୟାସନାଲ ମେଡିକାଲ କାଉନସିଲର ନିୟମାବଳୀ ସମ୍ପର୍କରେ ସମସ୍ତଙ୍କୁ ସୂଚନା ଦେବା ସହିତ ମେଡିକାଲ କଲେଜକୁ ସଫଳ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ଜିଲାପାଳ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ମଙ୍ଗଳବାର ଏହି ହସ୍ତାନ୍ତର ପ୍ରକ୍ରିୟା ପୂର୍ବରୁ ଏନଟିପିସିର ଅଧିକାରୀମାନେ ଉପସ୍ଥିତ ଜିଲା ପ୍ରଶାସନ ଓ ମେଡିକାଲ କଲେଜର ଅଧିକାରୀମାନଙ୍କୁ ସମସ୍ତ ଭିତ୍ତିଭୂମି ବୁଲି ଦେଖାଇଥିଲେ। ଏହି ଅବସରରେ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପଙ୍କଜ କୁମାର ପରିଡ଼ା, ଏଡିଏମଓ (ପିଏଚ) ଡାକ୍ତର ପୂର୍ଣଚନ୍ଦ୍ର ସାହୁ, ସୁନ୍ଦରଗଡ଼ ଏଡିଏମ ରବିନାରାୟଣ ସାହୁ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ମେଡିକାଲ କଲେଜ ମ୍ୟାନେଜର ଅଭିନ କର ପ୍ରମୁଖ ଉପସ୍ଥିତ ଥିଲେ।

### ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ମାମଲା**

ସୁନ୍ଦରଗଡ଼ ,୨୬।୪ (ଡି.ଏନ୍.ଏ)

୨୦୧୬ ମସିହାରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ମାମଲାର ବିଚାର କରି ସୁନ୍ଦରଗଡ ଜିଲା ଦୌରାଜଜ୍ ଶୁଭଦର୍ଶିନୀ ପଟ୍ଟନାୟକ ମଙ୍ଗଳବାର ଶୁଣାଣୀ କରିଛନ୍ତି। ମାମଲାର ରାୟରେ ଜିଲା ଦୌରାଜଜ୍ ଅଭିଯୁକ୍ତ ହେମଗିର ଥାନା ଅନ୍ତର୍ଗତ ରଙ୍ଗିଆଡ଼ିପା ଗ୍ରାମର ଦିଲୀପ ଓରାମ (୩୧)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ରାୟର ବିବରଣୀରୁ ପ୍ରକାଶ ଯେ, ପୀଡିତାଙ୍କ ମାଆ ଗତ ୨୦୧୬ ମାର୍ଚ୍ଚ ୬ ରେ ରିପୋର୍ଟ କରିଥିଲେ, ତାଙ୍କର ଭିନ୍ନକ୍ଷମ (ଦୃଷ୍ଟିହୀନ) ଝିଅଙ୍କୁ ତାଙ୍କ ସମ୍ପର୍କୀୟ ପୁତୁରା ରିପୋର୍ଟ କରିବାର ୪ମାସ ପୂର୍ବରୁ ବଳାତ୍କାର କରିଥିଲେ। ଏହି ଘଟଣା ସମ୍ପର୍କରେ ପୀଡିତା ଯୁବତୀ ତାଙ୍କ ମାଆଙ୍କୁ ଜଣାଇବା ପରେ ଏନେଇ ଗ୍ରାମରେ ଆପୋଷ ସମାଧାନ ପାଇଁ ଆଲୋଚନା ହୋଇଥିଲା। ମାତ୍ର ଏହାପରେ ଅଭିଯୁକ୍ତ ଦିଲୀପ ପୀଡିତାଙ୍କ ମାଆଙ୍କୁ ଜୀବନରେ ମାରିଦେବାପାଇଁ ଧମକ ଦେଇଥିଲା। ଫଳରେ ପୀଡିତାଙ୍କ ମାଆ ଏସମ୍ପର୍କରେ ଥାନାରେ ରିପୋର୍ଟ କରିଥିଲେ। ଏନେଇ ରିପୋର୍ଟ ହେବା ପରେ ପୋଲିସ ହେମଗିର ଥାନାରେ ଏକ ମାମଲା (ନଂ.୪୧/୨୦୧୬)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ବିଚାରପତି ବିଭିନ୍ନ ସାକ୍ଷ୍ୟ ପ୍ରମାଣକୁ ଗ୍ରହଣ କରି ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୩ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ପାଇଁ ରାୟରେ ପ୍ରକାଶ କରିଛନ୍ତି। ଏତଦ୍ ବ୍ୟତୀତ ପୀଡିତାଙ୍କୁ ଆବଶ୍ୟକୀୟ ସରକାରୀ ଅନୁକମ୍ପା ରାଶି ପ୍ରଦାନ ସକାଶେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ ଅଖତାର ମାମଲା ପରିଚାଳନା କରୁଥିଲେ।

# ପରୀକ୍ଷା କେନ୍ଦ୍ର ଦୂରତ୍ୱ ୭୦କି.ମି.

**କେନ୍ଦ୍ରୀୟ ନବୋଦୟ ପ୍ରବେଶିକା ପରୀକ୍ଷା**

- ଦୂରତ୍ୱ ନେଇ ଚିନ୍ତାରେ ଅଭିଭାବକ
- ପରୀକ୍ଷା ଦେବାରୁ ବଞ୍ଚିତ ହେବେ ଛାତ୍ରୀଛାତ୍ର

ଝାରସୁଗୁଡା ଅଫିସ୍,୨୬।୪

ଝାରସୁଗୁଡା ଜିଲାରେ ଆସନ୍ତା ୩୦ତାରିଖରେ କେନ୍ଦ୍ରୀୟ ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୫ମ ଓ ୬ଷ୍ଠ ଶ୍ରେଣୀର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ। ଜିଲାରେ ୩୦ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୩,୪୦୦ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହି ୩୦ ପରୀକ୍ଷା କେନ୍ଦ୍ର ମଧ୍ୟରେ କେତେକ ପରୀକ୍ଷା କେନ୍ଦ୍ର ବହୁ ଦୂରରେ ରହିଛି। ଏଥିମଧ୍ୟରେ ଲଖନପୁର ବ୍ଲକ ସୀମାନ୍ତବର୍ତ୍ତୀ କନକତୋରା ହାଇସ୍କୁଲ ପରୀକ୍ଷା କେନ୍ଦ୍ର ଅନ୍ୟତମ। ଏହି ପରୀକ୍ଷା କେନ୍ଦ୍ରରେ ବନ୍ଧବାହାଲ ଓ ସରଣ୍ଡାମାଲ ଅଞ୍ଚଳର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏହାର ଦୂରତ୍ୱ ୭୦ କିଲୋମିଟର ରହିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୫ଦିନ ପାଇଁ ଜରୁରୀକାଳୀନ ଛୁଟି ଘୋଷଣା କରିଛନ୍ତି। ଏଭଳି ସ୍ଥିତିରେ ଅଭିଭାବକମାନେ ଛୋଟ ପିଲାଙ୍କୁ ନେଇ ଦୀର୍ଘ ୭୦କିଲୋମିଟର ଦୂର ପରୀକ୍ଷା ଦେବା ପାଇଁ କେମିତି ଯିବେ ଏବେ ଚିନ୍ତାରେ ରହିଛନ୍ତି। ଏଥିପାଇଁ କେତେକ ଅଭିଭାବକ ପରୀକ୍ଷା ନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଫଳରେ ବହୁ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେବାରୁ ବଞ୍ଚିତ ହେବେ ବୋଲି କୁହାଯାଉଛି। ଏନେଇ ଝାରସୁଗୁଡା କେନ୍ଦ୍ରୀୟ ନବୋଦୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦୀକ୍ଷାଜ୍ୟୋତି ମିଶ୍ର କହିଛନ୍ତି, ଏହି ପରୀକ୍ଷା ପରିଚାଳନା ଦିଲ୍ଲୀରୁ ସିଧାସଳଖ ସିବିଏସ୍‌ଇ (କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ) କରୁଛି। ଏଥିମଧ୍ୟରେ ପରୀକ୍ଷା କେନ୍ଦ୍ର ସିଲେକ୍ସନ ସାଙ୍ଗକୁ କେଉଁ ପରୀକ୍ଷାର୍ଥୀ କେଉଁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ଏହା ସିବିଏସ୍‌ଇ ନିଷ୍ପତି ନେଉଛି। ଏସବୁ ପରୀକ୍ଷା ପରିଚାଳନା ଅନ୍‌ଲାଇନରେ ହେଉଛି। କୋଭିଡ୍ ପାଇଁ ସିବିଏସ୍‌ଇ ଏଭଳି ନିଷ୍ପତି ନେଇଛି। ଏଥିରେ ତାଙ୍କର କୌଣସି ଭୂମିକା ନାହିଁ ବୋଲି ସେ କହିଛନ୍ତି।

## ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା



ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

କୁତ୍ରା, ୨୬।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗସ୍ଥିତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଓ ନବମ ଶ୍ରେଣୀରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଗୋପାଳକୃଷ୍ଣ ଦାଶ ପ୍ରମୁଖ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆଗାମୀ ବାର୍ଷିକ ମାଟ୍ରିକ ପରୀକ୍ଷା ପାଇଁ ସଫଳତା କାମନା କରିଥିଲେ।

# ବର୍ତ୍ତିଗଲେ ଆରୋହୀ

**ଚଳନ୍ତା ବାଇକ୍‌ରେ ଲାଗିଲା ନିଆଁ**

ଦେବଗଡ଼,୨୬।୪ (ଡି.ଏନ୍.ଏ.)

ମଙ୍ଗଳବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା କ୍ରମରେ ବାରକୋଟ ଥାନା ଅନ୍ତର୍ଗତ ବାହାଡାପୋଶି ଗ୍ରାମ ନିକଟସ୍ଥ ୧୦ ନମ୍ବର ରାଜ୍ୟ ରାଜପଥରେ ଏକ ଚଳନ୍ତା ବାଇକରେ ହଠାତ ନିଆଁ ଲାଗିଯିବାରୁ ତାହା ସମ୍ପୂର୍ଣ୍ଣ ଭାବେ ପୋଡିଯାଇଛି। ତେବେ ଆରୋହୀ ଜଣକ ବାଇକ ଛାଡି ଓହ୍ଲାଇ ପଡିବାରୁ ଅଳ୍ପକେ ରକ୍ଷାପାଇଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପୂର୍ବାହ୍ନ ପ୍ରାୟ ୯ ଟାରେ ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଜାମଡିହୀ ଗ୍ରାମର ଗୋପବନ୍ଧୁ ଓରାମ ତାଙ୍କ ବାଇକ୍ ନଂ.ଓଡି ୧୪ କ୍ୟୁ ୨୧୯୩ ଯୋଗେ ବଲଣ୍ଡା-ବାହାଡାପୋଶି ଗ୍ରାମ ଦେଇ ଅନୁଗୋଳ ଅଭିମୁଖେ ଯାଉଥିଲେ। ତେବେ ସେ ବାହାଡାପୋଶି ଗ୍ରାମ ନିକଟରେ ପହଞ୍ଚିବା ସମୟରେ ବାଇକ୍‌ର ଇନ୍ଧନ ଟାଙ୍କିରୁ ହଠାତ ଗରମ ଧୂଆଁ ବାହାରିଥିଲା। ଫଳରେ ଗୋପବନ୍ଧୁ ଗାଡିଟିକୁ ସେହିଠାରେ ହିଁ ଅଟକାଇ ବାଇକରୁ ଓହ୍ଲାଇ ପଡିବା ସହ ଚିତ୍କାର କରିଥିଲେ। ପାଣିଢାଳି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସେଥିରୁ ନିଆଁ ଲିଭିବା ପରିବର୍ତ୍ତେ ଇନ୍ଧନ ଟାଙ୍କିରେ ବିସ୍ଫୋରଣ ଘଟିଥିଲା। କିଛି ସମୟ ପରେ ସେଠାରେ ଦମକଳ ବାହୀନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ବାଇକଟି ସମ୍ପୂର୍ଣ୍ଣ ଭାବେ ପୋଡି ଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ଭାବେ ଜଣାପଡି ନ ଥିଲେ ହେଁ ଅତ୍ୟଧିକ ତାତି ଯୋଗୁଁ ଇନ୍ଧନ ଟାଙ୍କିରେ ଗ୍ୟାସ ଭର୍ତ୍ତି ହୋଇ ତହିଁରେ ନିଆଁ ଲାଗିଯାଇଥିବା ସନ୍ଦେହ କରାଯାଉଛି ।



ବାଇକ୍‌ରେ ଲାଗିଥିବା ନିଆଁ ଲିଭାଯାଉଛି।

# ମହିଳା ପଞ୍ଚାୟତ ପ୍ରତିନିଧିଙ୍କ ପ୍ରାକ୍ ନେତୃତ୍ୱ ବିକାଶ କର୍ମଶାଳା

ଝାରସୁଗୁଡା ଅଫିସ୍,୨୬।୪

ଝାରସୁଗୁଡା ଜିଲା ଲଇକେରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଦି ହଙ୍ଗର ପ୍ରକଳ୍ପ ତରଫରୁ ମହିଳା ପଞ୍ଚାୟତ ଜନପ୍ରତିନିଧି ପ୍ରାକ୍ ନେତୃତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ପଞ୍ଚାୟତର ମହିଳା ଜନପ୍ରତିନିଧି ସରପଞ୍ଚ, ସମିତିସଭ୍ୟା, ୱାର୍ଡମେମ୍ବରମାନେ ଯୋଗଦେଇଥିଲେ। ଏଥିରେ ପଞ୍ଚାୟତ ସମିତି ସଂଯୋଜକ ରାଧେଶ୍ୟାମ ନାୟକଙ୍କ ଅଧ୍ୟକ୍ଷତା କରିଥିବାବେଳେ ଲଇକେରା ପଞ୍ଚାୟତ ସମିତି ଅଧ୍ୟକ୍ଷ ସଞ୍ଜିତ ନାୟକ ମୁଖ୍ୟଅତିଥି, ବିଡିଓ ଅଲେଖ ଘୁଟା ମୁଖ୍ୟବକ୍ତା, ଅତିରିକ୍ତ ବିଡିଓ ପ୍ରମୋଦ ଦେହୁରୀ,ଏପିଓ ସୁନୟନା ବେହେରା, ଜିପିଓ ସରିତା ଟପନୋ, ଆର୍‌ଡବ୍ଲୁଏସ୍‌ଏସ୍ କନିଷ୍ଠଯନ୍ତ୍ରୀ ପବିତ୍ର ଧୁରୁଆ, କନ୍‌ସଲ୍‌ଟେଣ୍ଟ ଡିଆର୍‌ଡିଏ ସତ୍ୟଶିବ ବିଶ୍ୱାଳ, ସମାଜସେବୀ ଆନନ୍ଦିନୀ ପାଢୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏଥିମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାଠାରୁ ଆରମ୍ଭକରି ଶିଶୁ ଅଧିକାର, ଶିକ୍ଷା ଅଧିକାର ଓ ବିଭିନ୍ନ ସରକାରୀ ଯୋଜନା କିଭଳି ମହିଳା ଜନପ୍ରତିନିଧିମାନେ ସଫଳତାର ସହ ନିଜ ଅଞ୍ଚଳରେ କାର୍ଯ୍ୟକାରୀ କରିପାରିବେ ଏସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ଜେଣ୍ଡର ଏକ୍ସପର୍ଟ୍ ଆଶିଷ କୁମାର ପଣ୍ଡା ଦ ହଙ୍ଗର ପ୍ରକଳ୍ପର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ ବୁଝାଇଥିଲେ। ଏଥିରେ ନୈଷଧ ସା ସହଯୋଗ କରିଥିବାବେଳେ ସଂଯୋଜକ ରାଧେଶ୍ୟାମ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।




କର୍ମଶାଳାରେ ଉପସ୍ଥିତ ଥିବା ଅଧିକାରୀ ଓ ମହିଳା ଜନପ୍ରତିନିଧି।

# କୁଆଁରମୁଣ୍ଡା ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକ

କୁଆଁରମୁଣ୍ଡା,୨୬।୪(ଡି.ଏନ.ଏ)

ମଙ୍ଗଳବାର କୁଆଁରମୁଣ୍ଡା ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ବୈଠକରେ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେର୍କେଟା,ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁନିତା ଅହିର, ବିଡିଓ ବିକାଶ ଚନ୍ଦ୍ର ସାହୁ, ଜିପିଓ ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ଉପସ୍ଥିତ ବ୍ଲକସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନଙ୍କ ସହ ନିର୍ବାଚିତ ଜନପ୍ରତିନିଧିମାନଙ୍କର ପରିଚୟ ପ୍ରଦାନ କରାଯାଇଥିଲା। ଏହାପରେ କୁଆଁରମୁଣ୍ଡା ବ୍ଲକର ପ୍ରତ୍ୟେକ ପଞ୍ଚାୟତର କିଭଳି ପ୍ରତ୍ୟେକ ସମସ୍ୟାକୁ ପଞ୍ଚାୟତସ୍ତରରେ ସମାଧାନ କରାଯାଇପାରିବ ସେଥିପାଇଁ ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧିମାନଙ୍କର ସହଯୋଗ ଆବଶ୍ୟକ ବୋଲି ବିଡିଓ ସାହୁ ଉପସ୍ଥିତ ଜନପ୍ରତିନିଧିମାନଙ୍କୁ ଅନୁରୋଧ କରିଛନ୍ତି। ଏହାପରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଜଳଯୋଗାଣ ଓ ପାନୀୟ ଜଳ, ସମନ୍ୱିତ ଶିଶୁ ବିକାଶ, ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ନିଜ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ କହିଥିଲେ । ବିଶେଷକରି ଚଳିତ ଅସହ୍ୟ ଗ୍ରୀଷ୍ମ ପରିପ୍ରେକ୍ଷୀରେ ବ୍ଲକରେ ୨ଟି ଭ୍ରାମ୍ୟମାଣ ଜଳଯୋଗାଣ ଟ୍ୟାଙ୍କର ବ୍ୟବସ୍ଥା କରି ଜଳାଭାବ ଅଞ୍ଚଳରେ ପାନୀୟ ଜଳ ବଣ୍ଟନର ସୁବ୍ୟବସ୍ଥା କରିବା ପାଇଁ ଆରଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ବନ୍ଦିତା ପ୍ରିୟଦଶନୀ ସାମଲ ପ୍ରସ୍ତାବ ଦେଇଥିଲେ। ସେହିପରି କୁଆଁରମୁଣ୍ଡା ବ୍ଲକରେ ଛତୁଆ ବଣ୍ଟନ କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ଓ ବ୍ଲକ ଅଞ୍ଚଳରେ ଥିବା ଡୁମେରଯୋର, ବାନିଗୁନି ସ୍କୁଲରେ ଶିକ୍ଷକ ଅଭାବ ସମସ୍ୟାକୁ ପୂରଣ କରାଯିବା ପାଇଁ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ଏଇଇ ଚୈତନ୍ୟ ହେମ୍ବ୍ରମ,ବରିଷ୍ଠ ଯନ୍ତ୍ରୀ ଅଜୟ ହୋତା, ଟିସି ଭରତ ସାହୁ,କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ବିଶ୍ୱାଳ,ଏପିଓ ବିଷ୍ଣୁମୋହନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧିମାନେ।

# ସ୍ୱଚ୍ଛସାଥୀଙ୍କ ପୌର ପରିଷଦ କାର୍ଯ୍ୟାଳୟ ଘେରାଉ

**ବକେୟା ଦରମା ଦାବି**

ଝାରସୁଗୁଡା ଅଫିସ୍,୨୬।୪

ବକେୟା ଦରମା ଦାବିରେ ମହିଳା ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନେ ମଙ୍ଗଳବାର ଝାରସୁଗୁଡା ପୌର ପରିଷଦ କାର୍ଯ୍ୟାଳୟ ଘେରାଉ କରି ଆନ୍ଦୋଳନ କରିଥିଲେ। ଫଳରେ ପୌରାଞ୍ଚଳରେ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ପୌର ପରିଷଦ ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନାକରି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତା'ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନକାରୀ କହିଛନ୍ତି, ୨ମାସ ହେଲାଣି ସେମାନେ ଦରମା ପାଇନାହାଁନ୍ତି। ଲୋକଙ୍କ ନିକଟରୁ ୟୁଜର ଫିସ୍ ସଂଗ୍ରହକରି ପୌର ପରିଷଦରେ ଜମାକର ତାପରେ ଦରମା ଦିଆଯିବ ବୋଲି କୁହାଯାଉଛି। ଏହି ଟିକସ ଦେବା ପାଇଁ ଲୋକେ ଅନିଚ୍ଛା ପ୍ରକାଶ କରି କହୁଛନ୍ତି, ପୌର ପରିଷଦକୁ ହୋଲ୍‌ଡିଂ ଟ୍ୟାକ୍ସ ଦେଉଛୁ ଆଉ ପୁଣି କଣ ୟୁଜର ଫିସ୍ ଦେବୁ ଓଲଟା ପ୍ରଶ୍ନ କରୁଛନ୍ତି। ଏଥିପାଇଁ ପୌର ପରିଷଦ ୨ମାସ ହେଲାଣି ଦରମା ବନ୍ଦକରି ରଖିଛି। ଏଥିମଧ୍ୟରେ ସେମାନେ କମ୍ ଦରମା ପାଉଛନ୍ତି। ସେଥିରେ ପୁଣି ଦରମା ବନ୍ଦ କରାଯାଉଛି। ଫଳରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି ବୋଲି ଅଭିଯୋଗ କରିଛନ୍ତି। ଏନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି କହିଛନ୍ତି, ସ୍ୱଚ୍ଛସାଥୀମାନଙ୍କ ମଧ୍ୟରୁ କେତେକ ନିୟମିତ କାମ କରୁନାହାଁନ୍ତି। ଫଳରେ ପୌରାଞ୍ଚଳରେ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଠିକ୍‌ରେ ହୋଇପାରୁନାହିଁ। ଏନେଇ ସେମାନଙ୍କୁ ବାରମ୍ବାର ତାଗିଦ୍ କରାଗଲେ ମଧ୍ୟ କିଛି ଲାଭ ହେଉନାହିଁ। ଏଥିପାଇଁ ସେମାନଙ୍କ ଦରମା ବନ୍ଦ କରାଯାଇଛି। ନିୟମିତ କାମ କଲେ ସେମାନଙ୍କ ବକେୟା ଦରମା ପ୍ରଦାନ କରିଦିଆଯିବ ବୋଲି ସେ କହିଛନ୍ତି।



ମହିଳା ସ୍ୱଚ୍ଛସାଥିମାନେ ପୌର ପରିଷଦ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୭ ଏପ୍ରିଲ, ୨୦୨୨

## ବଳଦେବ ଆଶ୍ରମର ନୂତନ କର୍ମକର୍ତ୍ତା

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ବଳଦେବ ଆଶ୍ରମ ତଥା ମାଉସୀ ମା' ମନ୍ଦିର କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। କାହ୍ନୁଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ ସଭାପତି, ପୂର୍ବତନ ସରପଞ୍ଚ ହୃଦୟାନନ୍ଦ ବେହେରା ଉପସଭାପତି, କାହ୍ନୁଚରଣ ମିଶ୍ର ସମ୍ପାଦକ, ସୁଶାନ୍ତ କୁମାର ଭୋଇ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି।



## ସଂକ୍ଷେପରେ

### ନିଆଁଲାଗି ପୋଡ଼ିଗଲା ଘର



ବୋଡେନ,୨୬।୪(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଥାନା ନାଗପଡା ପଞ୍ଚାୟତ ନାଗପଡା ଗ୍ରାମରେ ସୋମବାର ରାତିରେ ନିଆଁଲାଗି ଦୁଇ ପରିବାରର ୫ ବଖରା ଘର ପୋଡ଼ିଯାଇଛି। ମଙ୍ଗଳବାର ବୋଡେନ ତହସିଲଦାର ରାଜେଶ କୁମାର ମେହେର ଖଇରା ଆର୍ଆଇଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି। ସରପଞ୍ଚ ଗମ୍ଭିର ତାଣ୍ଡି ଦୁଇ ପରିବାରକୁ ରାଶନ ସାମଗ୍ରୀ ଯୋଗାଇ ଦେବା ସହ ଅସ୍ଥାୟୀ ଭାବେ ରହିବା ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ରାତି ପ୍ରାୟ ୮ଟାରେ ତ୍ରିନାଥ ତାଣ୍ଡିଙ୍କ ପରିବାରରେ ରାତିରେ ଖାଉଥିବା ବେଳେ ବିଦ୍ୟୁତ୍ ମ୍ୟାନ୍ ସ୍ୱିଚ୍‌ରେ ସ୍ପାର୍କ ହୋଇ ନିଆଁ ବାହାରିଥିଲା। ଦେଖୁ ଦେଖୁ ନିଆଁ ଘର ସାରା ବ୍ୟାପି ଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ମଧ୍ୟରେ ତ୍ରିନାଥଙ୍କ ଘର ସହ ତାଙ୍କ ପଡୋଶୀ ବୃନ୍ଦା ତାଣ୍ଡିଙ୍କ ଘର ମଧ ଜଳିଯାଇଛି। ତ୍ରିନାଥଙ୍କ ସ୍ତ୍ରୀ ଅଙ୍ଗନୱାଡି କର୍ମୀ ଥିବା ବେଳେ ତାଙ୍କ ସମସ୍ତ କାଗଜପତ୍ର, ଧାନ, ଚାଉଳ, ଆସବାବପତ୍ର, ନଗଦ ଟଙ୍କା ଜଳିଯାଇଥିବା ବେଳେ ବୃନ୍ଦା ତାଣ୍ଡିଙ୍କ ମଧ ସମସ୍ତ ଆସବାବପତ୍ର ଧାନ ଚାଉଳ ଅନ୍ୟାନ୍ୟ ଜିନିଷପତ୍ର ସବୁ ପୋଡି ଯାଇଛି। ଅଗ୍ନିକାଣ୍ଡରେ ଦୁଇ ପରିବାରର ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ଦୁଇ ପରିବାରର ୮ଜଣ ସଦସ୍ୟ କିପରି ଜିବୀକା ନିର୍ବାହ କରିବେ ସେ ନେଇ ଚିନ୍ତାରେ ଅଛନ୍ତି। ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଲାଞ୍ଜି ପଞ୍ଚାୟତ ପକ୍ଷରୁ ମୋ ପଞ୍ଚାୟତ କାର୍ଯ୍ୟକ୍ରମ ଶୁଭାରମ୍ଭ

ଲାଞ୍ଜିଗଡ,୨୬।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ସତନ୍ତ୍ର କାର୍ଯ୍ୟକ୍ରମ ମୋ ପଞ୍ଚାୟତ କାର୍ଯ୍ୟକ୍ରମ ଦୁର୍ଗମ ଲାଞ୍ଜି ପଞ୍ଚାୟତ ଡ଼କ୍ରିଗୁଡା ଗ୍ରାମଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସରପଞ୍ଚ ଯମୁନା ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ବିଭିନ୍ନ ଗ୍ରାମର ଲୋକେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କିପରି ଅଧିକରୁ ଅଧିକ କାମ ପାଇ ପାରିବେ, ଅଞ୍ଚଳର ହିତାଧିକାରୀକୁ ବିଧବା, ଦିବ୍ୟାଙ୍ଗ, ବାର୍ଦ୍ଧକ୍ୟ ଭତ୍ତା କିପରି ସୁବିଧାରେ ପାଇବେ, ବିଭିନ୍ନ ଗାଁର ରାସ୍ତା, ପାନୀୟ ଜଳ ସମସ୍ୟା ଓ ଆବାସ ଯୋଜନାରେ ଘର ସହିତ ଲୋକଙ୍କୁ ବିଭିନ୍ନ ଯୋଜନାରେ କାମ ଯୋଗାଇ ଦେଲେ ଅଞ୍ଚଳର ଦାଦନ ସମସ୍ୟା କିପରି ଦୂର ହୋଇ ପାରିବ ଏହି ସଭାରେ ଲୋକଙ୍କ ସହିତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ସାମାଜିକ କର୍ମୀ ଧର୍ମେନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ବ୍ଲକ ପ୍ରଶାସନର ନିଜସ୍ୱ ଉଦ୍ୟମ ମୋ ପଞ୍ଚାୟତ କାର୍ଯ୍ୟକ୍ରମ ଜାରି ରହିଲେ ଗାଁ ସମସ୍ୟା ଶୀଘ୍ର ସମସ୍ୟା ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସରପଞ୍ଚ ମାଝି, ସମିତି ସଭ୍ୟ ବେଣୁଧର ବାଗ, ନାଏକ ସରପଞ୍ଚ ସନ୍ଧ୍ୟା ମାଝି, ଗ୍ରାମ ରୋଜଗାର ସେବକ ସୁଧାଂଶୁ ବାଗ, ଯୋଗାଣ ସହାୟକ ଭାଗ୍ୟବାନ ମଙ୍ଗରାଜଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ୧୦୦ ପାକ୍ସ, ୬ଏସ୍‌ଏଚ୍‌ଜି ଜରିଆରେ ଧାନକ୍ରୟ

ବଲାଙ୍ଗୀର ଅଫିସ,୨୬।୪



ଜିଲାସ୍ତରୀୟ ରବି ଧାନକ୍ରୟ କମିଟି ବୈଠକରେ ମଞ୍ଚାସୀନ ଅଧିକାରୀ ଓ ପ୍ରତିନିଧି।

**ଜିଲାସ୍ତରୀୟ ରବି ଧାନକ୍ରୟ କମିଟି ବୈଠକ**

- ମେ ୧୬ରୁ ଆରମ୍ଭ ହେବ ଧାନକିଣା

ବଲାଙ୍ଗୀର ଜିଲାସ୍ତରୀୟ ରବି ଧାନକ୍ରୟ କମିଟି ବୈଠକ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ମେ ୧୬ ତାରିଖଠାରୁ ଜିଲାରେ ରବି ଧାନକ୍ରୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏଥିନିମନ୍ତେ ଜିଲାରେ ୧୦୦ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଓ ୬ ସ୍ୱୟଂ ସହୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏହିପରି ମୋଟ ୧୦୬ଟି ଧାନକ୍ରୟ କେନ୍ଦ୍ର ଜରିଆରେ ଧାନକିଣା ଆରମ୍ଭ ହେବ। ରବିଧାନ କ୍ରୟ ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ। ଚଳିତବର୍ଷ ଧାନକ୍ରୟ କେନ୍ଦ୍ରଗୁଡିକରେ ସପ୍ତାହକ ୬ ଦିନ ସକାଳ ୭ଟାରୁ ୧୧ଟା ଏବଂ ଅପରାହ୍ଣ ୪ଟାରୁ ୬ଟା ପର୍ଯ୍ୟନ୍ତ ଧାନକ୍ରୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଚଳିତବର୍ଷ ରବି ଧାନ ବିକ୍ରୟ ପାଇଁ ଜିଲାରେ ୭୧୭୨ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଗତବର୍ଷ ରବିରେ ୪୦୫୩ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ଚଳିତବର୍ଷ ରବିରେ ସର୍ବନିମ୍ନ ସହାୟକ ମୂଲ୍ୟ ଗ୍ରେଡ୍ ଏ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୧୯୬୦ ଟଙ୍କା ଓ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୯୪୦ ଧାର୍ଯ୍ୟ କରାଯାଇଛି। ଗ୍ରୀଷ୍ମପ୍ରବାହ ଓ ପ୍ରାକ୍ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନକ୍ରୟ ଗୁଡିକରେ ପାନୀୟ ଜଳ, ବିଜୁଳି, ଟାର୍ପୋଲିନ୍ ଓ ଚାଷୀଙ୍କ ପାଇଁ ଆଶ୍ରୟ ସ୍ଥଳ ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ। ଚାଷୀ ଯେପରି ସହଜ, ସୁବିଧା ଓ ସ୍ୱଚ୍ଛତାର ସହ ବିକ୍ରି କରିପାରିବେ ସେଦିଗରେ ବିଶେଷ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ରାଣା ନିର୍ଦ୍ଦେଶ ଦେଇଛନ୍ତି। ରବିଧାନ କ୍ରୟ ପ୍ରକ୍ରିୟାର ସମସ୍ତ ସୂଚନା ଚାଷୀ ଯେଭଳି ପାଇପାରିବେ ସେନେଇ ପ୍ରଚାର ପ୍ରସାର କରିବାକୁ ଆରଏମ୍‌ସିମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମିଲର୍ସ ଓ ଚାଷୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପୂର୍ବକ ରବି ଧାନକ୍ରୟ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଜିଲାପାଳ ରାଣା ପରାମର୍ଶ ଦେଇଥିଲେ। ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ ବିଭାଗୀୟ ସମ୍ପୃକ୍ତ ଅଧିକାରୀମାନେ ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ରଥ ଗତ ଖରିଫ ଧାନକିଣାରେ ଚୁଡାପାଲି ପାକ୍ସର ସମ୍ପାଦକଙ୍କ ବିରୋଧରେ ନିଲମ୍ବନ ବ୍ୟତୀତ ଆଉ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପ୍ରଶ୍ନ କରିବାରୁ ଉପନିବନ୍ଧକ ସମବାୟ ସମିତି ଆଉ କିଛି ପଦକ୍ଷେପ ନିଆଯାଇ ନ ଥିବା କହିଥିଲେ। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ ଏଆରସିଏସ୍‌ଙ୍କ ଦରମା ବନ୍ଦ କରିବାକୁ ଜିଲାପାଳ ଏଡିଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ବୈଠକରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଲୋଇସିଂହା ବିଧାୟକଙ୍କ ପ୍ରତିନିଧି ଦେବୀଲାଲ ମିଶ୍ର, ବଲାଙ୍ଗୀର ଉପଜିଲାପାଳ ଲମ୍ବୋଦର ଧରୁଆ, ପାଟଣାଗଡ ଉପଜିଲାପାଳ ବିଜୟାନନ୍ଦ ସେଠୀ, ଚାଷୀ ପ୍ରତିନିଧି ଯତି ପ୍ରଧାନ, ସୌମେନ୍ଦ୍ର ପରିଚ୍ଛା, ଯୋଗାଣ ବିଭାଗ, କୃଷି ବିଭାଗ, ଜଳସେଚନ ବିଭାଗ, ସମବାୟ ବିଭାଗ, ଭାରତୀୟ ଖାଦ୍ୟ ନିଗମ, ନିୟନ୍ତ୍ରିତ ବଜାର କମିଟିର ଅଧିକାରୀ, ମିଲର୍ସମାନେ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ ଜିଲାରେ ରବି ଧାନକ୍ରୟ ପ୍ରକ୍ରିୟା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ।

## ମୋବାଇଲ ଦୋକାନରୁ ଚୋରି ଘଟଣା: ଜଣେ ଗିରଫ

ଲୋଇସିଂହା,୨୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଭରସୁଜା ଛକରେ ଥିବା ମୋବାଇଲ ଦୋକାନରୁ ଚୋରି ଘଟଣାରେ ଆଗଲପୁର ଫାଣ୍ଡି ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ବରଗଡ ଜିଲା ଗାଇସିଲା ବ୍ଲକ କହରିମୁଣ୍ଡା ଗ୍ରାମର ଟଙ୍କଧର ମାଝିଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ୨ଟି ଚୋରି ମୋବାଇଲ ଜବତ କରାଯାଇଛି। ଅପରପକ୍ଷେ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ଭରସୁଜା ଛକରେ ଥିବା ଆଗଲପୁର ଜେମାପାଲିର ହିମାଂଶୁ ସାହୁଙ୍କ ସେଲଏଣ୍ଡ ସର୍ଭିସ ମୋବାଇଲ ଦୋକାନରୁ ଗତମାର୍ଚ୍ଚ ୧୫ ରାତିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ।ଏନେଇ ଥାନାରେ ଏକ ମାମଲା (ନଂ୧୧୫/୨୨) ରୁଜୁ ହୋଇଥିଲା।

## ଧଣ୍ଡାମୁଣ୍ଡା ପଞ୍ଚାୟତର ନୂତନ ତୋରଣ ଉଦ୍‌ଘାଟିତ

ଖପ୍ରାଖୋଲ,୨୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତର ନବନିର୍ମିତ ସ୍ୱାଗତ ତୋରଣ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ବୈଦ୍ୟନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ରଶ୍ମିରଞ୍ଜନ ରାଉତ, ସମ୍ମାନିତ ଅତିଥି ଜିପିଇଓ ସୁଶାନ୍ତ କୁମାର ପାଣି,ସହକାରୀ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ, କନିଷ୍ଠ ଯନ୍ତ୍ରୀ ଦୀନବନ୍ଧୁ କୁମ୍ଭାର, ପିଇଓ ନିଳାମ୍ବର ମଝି ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ରାଉତ ତୋରଣର ଉଦଘାଟନ କରିଥିଲେ। ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ସପ୍ତମ ଲୋକକଳା ଉତ୍ସବ ଉଦ୍‌ଘାଟିତ



ଲୋକକଳା ଉତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ,୨୬।୪

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ସପ୍ତମ ଲୋକକଳା ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥିଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର, ସମ୍ମାନିତ ଅତିଥି ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ପାଟଣାଗଡ ବିଧାୟକ ସରୋଜ ମେହେର, ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ମଞ୍ଚାସୀନ ହୋଇଥିଲେ। ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଆନୁଷ୍ଠାନିକ ଭାବେ ସପ୍ତମ ଲୋକକଳା ଉତ୍ସବ ଉଦ୍‌ଘାଟନ କରାଯାଇଥିଲା। ସଭାପତି ପ୍ରଭାସ କୁମାର ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଲୋକକଳା ଉତ୍ସବ ଅଧକ୍ଷ ଡ ସଞ୍ଜୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଲୀଳା କଳାକାର ପ୍ରମୋଦ କୁମାର ମିଶ୍ର ଓ ମଞ୍ଚ ନାଟକ କଳାକାର ତଥା ନିର୍ଦ୍ଦେଶକ ଅରବିନ୍ଦ ବାଗଙ୍କୁ ଲୋକକଳା ସମ୍ମାନ ପ୍ରଦାନ କରାଯାଇଥିଲା। ଲୋକକଳା ମାଧ୍ୟମରେ ସାଂସ୍କୃତିକ ଓ ସାମାଜିକ ଉନ୍ନତି ସମ୍ଭବ ବୋଲି ଅତିଥିମାନେ କହିଥିଲେ। ସଭାକୁ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଆୟୋଜକ ଦୁଇଦୁଲି କଳା ପରିଷଦ ସମ୍ପାଦକ ବାସୁଦେବ ସା, ଲଳିତ କୁମାର ସାହୁ, ଦିନେଶ ଶର୍ମା, ନବୀନ କୁଅଁର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତୁଷରା କୃଷ୍ଣପ୍ରିୟା କଳା ପରିଷଦର ଘୁଡ୍‌କା, ଖରସୁଆଁର ଛଉ, ଆସାମର ରାବା ନୃତ୍ୟ, ବିହାର ଭୋଜପୁରୀ ନୃତ୍ୟ, ମୟୂରଭଞ୍ଜର ଛଉ, ଆସାମର ବିହୁ, ପୁରଲିଆର ଛଉ, ଖୋର୍ଦ୍ଧାର ପାଇକ ଆଖଡା ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଲୋକଗୀତ କାର୍ଯ୍ୟକ୍ରମକୁ କବି ଅର୍ଜ୍ଜୁନ ସାହୁ ପରିଚାଳନା କରିଥିଲେ।

# ପ୍ରବାସୀ ଓଡିଆ ରତ୍ନ ସମ୍ମାନ ପାଇଲେ ଜିତେନ୍ଦ୍ର

ଟିଟିଲାଗଡ଼,୨୬।୪(ଡି.ଏନ.ଏ)



ନୂଆଦିଲ୍ଲୀଠାରେ ଜିତେନ୍ଦ୍ର ମିଶ୍ର ପ୍ରବାସୀ ଓଡିଆ ରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି।

ଟିଟିଲାଗଡ ମାଟିର ସୁଯୋଗ୍ୟସନ୍ତାନ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତରେ ଖ୍ୟାତିପ୍ରାପ୍ତ ଜିତେନ୍ଦ୍ର ମିଶ୍ର ସମ୍ମାନଜନକ ପ୍ରବାସୀ ଓଡିଆ ରତ୍ନ ସମ୍ମାନ ଲାଭ କରିଛନ୍ତି। ଚଳଚ୍ଚିତ୍ର ଜଗତ ପ୍ରତି ଜିତେନ୍ଦ୍ରଙ୍କ ଅବଦାନ ପାଇଁ ପ୍ରବାସୀ ଓଡିଆ ବିକାଶ ସମିତି ନୂଆଦିଲ୍ଲୀ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆଇଆଇଏମସି ହଲ, ଜେଏନୟୁ କ୍ୟାମ୍ପସ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସମାରୋହରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, କେନ୍ଦ୍ର ଆଦିବାସୀ କଲ୍ୟାଣ ଏବଂ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସ୍ୱଦେଶୀ ଜାଗରଣ ମଞ୍ଚ ରାଷ୍ଟ୍ରୀୟ ସଂଯୋଜକ କାଶ୍ମିରି ଲାଲ, ପ୍ରବାସୀ ଓଡିଆ ବିକାଶ ସମିତି ସଭାପତି ସୂର୍ଯ୍ୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ଜିତେନ୍ଦ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଜୁରି ସଦସ୍ୟ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଅଭିଜିତ ପଶାୟତ, ଡିଜି ଆଇଆଇଏସଡି ଡ. ଶ୍ରୀକାନ୍ତ ପାଣିଗ୍ରାହୀ, ପ୍ରଫେସର ସୁକୁମାର ମିଶ୍ର, ସତ୍ୟଭୂଷଣ ଜିତେନ୍ଦ୍ରଙ୍କୁ ଏହି ପୁରସ୍କାର ପାଇଁ ଚୟନ କରିଥିଲେ। ୧୧୦ ଚଳଚ୍ଚିତ୍ର ନିର୍ମାଣ ସହ ସଂଯୁକ୍ତ ଜିତେନ୍ଦ୍ରଙ୍କ ଦି ଲାଷ୍ଟ କଲର, ବୁରିଡ ସିଡ୍ସ, ଡିଜାୟାର ଅଫ ଦି ହାର୍ଟ, ହ୍ୟୁମନ ଓକ ଆନ୍ତର୍ଜାତୀୟସ୍ତରରେ ପୁରସ୍କାର ଲାଭ କରିଛି। ଦେଶର ଆଗଧାଡିର ସଂଗଠନ ସ୍ମାଇଲ ଫାଉଣ୍ଡେସନ ପକ୍ଷରୁ ଗଠିତ ଚଳଚ୍ଚିତ୍ର ଉତ୍ସବ ମଞ୍ଚ ସିଫସିରର ନିର୍ଦ୍ଦେଶକ, ୟୁନେସ୍କୋ ଦ୍ୱାରା ଗଠିତ ଗ୍ଲୋବାଲ ମିଡିଆ ନେଟୱାର୍କ ସିଆଇଏଫଇଜେର ନିର୍ବାଚିତ ଅଧକ୍ଷ, କ୍ୟାନ୍ସ ପ୍ରଯୋଜକ ସଂଗଠନର ସଦସ୍ୟ ଭାବେ ସେ କାର୍ଯ୍ୟ କରିଆସୁଛନ୍ତି। ମନ୍ତ୍ରୀ ଟୁକୁନି ସାହୁ, ଟିଟିଲାଗଡ ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢୀ, ପୂର୍ବତନ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି ପ୍ରମୁଖ ଜିତେନ୍ଦ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ହରିଶଙ୍କର ବୈଶାଖ ଚତୁର୍ଦ୍ଦଶୀ ମେଳା ପ୍ରସ୍ତୁତି

**ପରିଚାଳନା ପାଇଁ କମିଟି ଗଠିତ**

ଖପ୍ରାଖୋଲ,୨୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ହରିଶଙ୍କର ବୈଶାଖ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରଶାସନ ଓ ଦେବୋତ୍ତର ବିଭାଗ ପ୍ରସ୍ତୁତି ଚଳାଇଛନ୍ତି। ମଙ୍ଗଳବାର ପ୍ରଶାସନିକ ଅଧିକାରୀ, ଦେବୋତ୍ତର କମିଟି, ସବ୍‌କମିଟି ସଦସ୍ୟଙ୍କୁ ନେଇ ମିଳିତ ପ୍ରସ୍ତୁତି ବୈଠକ ହରିଶଙ୍କରଠାରେ ଅନୁଷ୍ଠିତ ହୋଇଥିଲା। ପାଟଣାଗଡ଼ ଉପଜିଲାପାଳ ଡା ବିଜୟା ନନ୍ଦ ସେଠୀଙ୍କ ଅଧକ୍ଷ୍ୟତାରେ ଅନୁଷ୍ଠିତ ବୈଠକରେ ମେଳା ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ସ୍ୱାଗତ କମିଟି, ପାନୀୟ ଜଳ, ଖାଦ୍ୟ, ବିଦ୍ୟୁତ୍, ଶାନ୍ତିଶୃଙ୍ଖଳା, ପ୍ରଚାର ପ୍ରସାର, ମନ୍ଦିର ଦର୍ଶନ, ହୋମଯଜ୍ଞ ଆଦି କମିଟି ଗଠନ କରାଯାଇଥିଲା। ବୈଠକରେ ଖପ୍ରାଖୋଲ ବିଡିଓ ରଶ୍ମି ରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ମିଶ୍ର, ଡେପୁଟି କଲେକ୍ଟର କ୍ଷୀରୋଦ୍ର ସାହୁ, ଜିଲା ପରିଷଦ ସଦସ୍ୟା ପ୍ରମିଳା ପାଥର, ଦେବୋତ୍ତର କମିଟି ସଦସ୍ୟ ଝାରୁ ମେହେର, ରାଣା ପ୍ରଧାନ, ଅଭୟ ତ୍ରିପାଠୀ, ଶଶୀ ପୂଝାରି, ବିପ୍ର ବିଶି, ରୋହିତ ମେହେର, ସବ୍‌କମିଟି ସଦସ୍ୟ ଇନ୍ଦ୍ରମଣି ସାହୁ, ଶତ୍ରୁଘନ ନାଏକ, ଗଜ ନାଗ, ପ୍ରହଲ୍ଲାଦ ଚାନ୍ଦ, ସୁଶୀଲ କୁମାର ଗୁରୁ, ବଳରାମ ବେହେରା, ସୁମତି ପଧାନ, ନେପାଳ ବେହେରା, ପଞ୍ଚମ ପଧାନ, ସରୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତିରାଜ ଦିବସ ପାଳନ ଉପଲକ୍ଷେ ପ୍ରତିଯୋଗିତା

ବୋଡେନ,୨୬।୪(ଡି.ଏନ.ଏ.)

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଉପଲକ୍ଷେ ନେହେରୁ ଯୁବ କେନ୍ଦ୍ର ନୂଆପଡା ସହଯୋଗରେ ବୋଡେନ ବ୍ଲକ ଦରଗାଁସ୍ଥିତ ପଣ୍ଡିତ ଜବାହାରଲାଲ ନେହେରୁ ସ୍ପୋର୍ଟ୍ସ କ୍ଲବ ଦ୍ୱାରା ଦରଗାଁଠାରେ ବକ୍ତୃତା ଓ ଝୋଟି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ନୂଆପଡା ପକ୍ଷରୁ ବୋଡେନ ବ୍ଲକ ସ୍ୱେଚ୍ଛାସେବୀ ଅଳି ଶବର ଓ ଭକିଶୋର ନାଏକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ମଙ୍ଗଳ ଦଳ, ନାଏବ ସରପଞ୍ଚ ବଂଶୀଧର ଦଳ ଓ କ୍ଲବ ସଭାପତି ବ୍ରଜରାଜ ଦଳ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ଲବ ସମ୍ପାଦକ ସଞ୍ଜୟ ଦଳଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗୀତାରେ ବ୍ରଜରାଜ ଦଳ ପ୍ରଥମ, ନବୀନ ଦଳ ଦ୍ୱିତୀୟ ଓ ସଞ୍ଜୟ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଝୋଟି ପ୍ରତିଯୋଗୀତାରେ ସୁଚିତ୍ରା ଦଳ ପ୍ରଥମ, ପାଣ୍ଡୁ ଦଳ ଦ୍ୱିତୀୟ ଓ କୌଶଲ୍ୟା ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ପାଚିକା, ସହାୟିକାଙ୍କୁ ଶ୍ରମିକ ମାନ୍ୟତା ଦିଅ

ବଲାଙ୍ଗୀର ଅଫିସ,୨୬।୪




ଏମ୍‌ଡିଏମ୍ ପାଚିକା, ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ବିକ୍ଷୋଭ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର
- ପାରିଶ୍ରମିକ ବୃଦ୍ଧି ଓ ମୌଳିକ ସମସ୍ୟାର ସମାଧାନ ଦାବି

ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ପ୍ରେରଣ କରାଯାଇଥିଲା। ସଂଘ କାର୍ଯ୍ୟକାରୀ ସଭାପତି କମଳ କ୍ଷେତ୍ରି ଓ ଏଆଇଟିୟୁସି କାର୍ଯ୍ୟକାରୀ ସଭାପତି ବନବାସ ମଲ୍ଲିକଙ୍କ ନେତୃତ୍ୱରେ ପାଚିକା ସହୟିକାମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ଦାବିପତ୍ରରେ ପାଚିକା ସହାୟିକାମାନଙ୍କୁ ଶ୍ରମିକ ମାନ୍ୟତା, ସର୍ବନିମ୍ନ ମଜୁରି ମାସକୁ ୧୮ହଜାର ଟଙ୍କା, ନିୟମିତ ପ୍ରାପ୍ୟ ପ୍ରଦାନ, ୧୦ମାସ ବଦଳରେ ୧୨ମାସର ପ୍ରାପ୍ୟ ପ୍ରଦାନ କରାଯିବା ଦାବି କରିଛନ୍ତି। ଏହାସହିତ ପାଚିକା ସହୟିକାଙ୍କୁ ପ୍ରସୂତୀକାଳୀନ ଛୁଟି ଓ ମଜୁରି ପ୍ରଦାନ, ୨୮ ମାସର ବକେୟା ଏରିଅର ଟଙ୍କା ତୁରନ୍ତ ପ୍ରଦାନ, ପାଚିକା, ସହାୟିକାମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା, ବର୍ଷକୁ ଅତିକମ୍‌ରେ ୧୫ ଦିନ ଛୁଟି, ସକ୍ଷମ ପାଚିକାମାନଙ୍କୁ ୬୫ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ଏବଂ ପାଚିକା ସହାୟିକାମାନଙ୍କୁ ମଧ୍ୟାହ୍ନ ଭୋଜନ କର୍ମଚାରୀଭାବେ ପରିଚୟ ପତ୍ର ପ୍ରଦାନ କରାଯିବାକୁ ଦାବି କରିଛନ୍ତି।

## କେଭି ଡିଗ୍ରୀ କଲେଜ ଏକାଡେମିକ ବିଲ୍‌ଡିଂର ଶିଳାନ୍ୟାସ

କଣ୍ଟାବାଞ୍ଜି,୨୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କେଭି ଡିଗ୍ରୀ କଲେଜ ଏକାଡେମିକ ବିଲଡିଙ୍ଗର ଶିଳାନ୍ୟାସ କରିଛନ୍ତି ଜିଲାପାଳ ଚଞ୍ଚଳ ରାଣା। କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ପିଡବ୍ଲୁଡି ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଅର୍ଜୁନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ ପାତ୍ର, ଅଧ୍ୟାପକ ଦୀନବନ୍ଧୁ କର, ଲୋହିତାକ୍ଷ ଯୋଷୀ ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ପରିସରରେ ସୌରଶକ୍ତି କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ଏକ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଜିଲାପାଳ ରାଣାଙ୍କୁ କଲେଜ ତରଫରୁ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା।



ଏକାଡେମିକ ବିଲ୍‌ଡିଂର ଶିଳାନ୍ୟାସ ଅବସରରେ ଜିଲାପାଳ ଓ ଅନ୍ୟମାନେ।

# ୩୬ଦିନ ପରେ ଘରକୁ ଫେରିଲେ ଯୁବକ

ଲୋଇସିଂହା,୨୬।୪(ଡି.ଏନ.ଏ)



ଥାନା ପରିସରରେ ପରିବାର ଲୋକଙ୍କ ଗହଣରେ ପବିତ୍ର।

- ମାର୍ଚ୍ଚ ୨୨ରେ ଘରୁ ସ୍କୁଟିରେ ବାହାରି ଫେରି ନ ଥିଲେ
- ବଲାଙ୍ଗୀର ରେଳଷ୍ଟେଶନରୁ ଉଦ୍ଧାର କଲା ପୋଲିସ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ସଦର ଆଗଲପୁରର ପବିତ୍ର ମେହେର(୨୫) ଗତ ୨୨ମାର୍ଚ୍ଚରୁ ନିଖୋଜ ଥିଲେ । ସୋମବାର ରାତିରେ ଲୋଇସିଂହା ପୋଲିସ ବଲାଙ୍ଗୀର ରେଳ ଷ୍ଟେଶନରୁ ତାଙ୍କୁ ଠାବ କରିଛି। ୩୬ଦିନ ପରେ ପବିତ୍ରଙ୍କୁ ପାଇ ପାରିଥିବାରୁ ପରିବାର ଲୋକେ ଖୁସିବ୍ୟକ୍ତ କରିଛନ୍ତି। ପୋଲିସ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆଗଲପୁରର ବୁଇ ମେହେର ଓ ଡିଙ୍ଗର ମେହେରଙ୍କ ଦ୍ୱିତୀୟ ପୁଅ ପବିତ୍ର। ଡିଙ୍ଗରଙ୍କ ଗାଁରେ ଇଲେକ୍ଟ୍ରି ଓ ଫର୍ନିଚର ଦୋକାନ ରହିଛି। ମାର୍ଚ୍ଚ ୨୨ତାରିଖରେ ପବିତ୍ର ସ୍କୁଟିନେଇ ବରଗଡକୁ ଦୋକାନ ସାମଗ୍ରୀ କିଣିବାକୁ ଯାଇଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ଘରୁ ଯିବାବେଳେ ମୋବାଇଲ ନେଇ ନ ଥିବାରୁ ତାଙ୍କୁ ପରିବାର ଲୋକେ ଯୋଗାଯୋଗ କରି ପାରି ନ ଥିଲେ। ଖୋଜାଖୋଜି କରି ନ ପାଇବାରେ ସେହି ରାତିରେ ପରିବାର ଲୋକେ ବରଗଡ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଲୋଇସିଂହା ଥାନା ଏବଂ ଏସ୍‌ପି ନୀତିନ କୁଶଲକରଙ୍କୁ ଏ ସମ୍ପର୍କରେ ଭେଟି ଜଣାଇଥିଲେ। ଲୋଇସିଂହା ପୋଲିସ ନିଖୋଜ ମାମଲା ରୁଜୁ କରିଥିଲା। ଘଟଣାକ୍ରମରେ ସୋମବାର ରାତିରେ ପବିତ୍ର ତାଙ୍କ ବଡଭାଇ ସୁବ୍ରତଙ୍କୁ ଫୋନ କରି ବଲାଙ୍ଗୀର ରେଳଷ୍ଟେଶନରେ ଥିବା କହିଥିଲେ । ଖବର ପାଇ ଲୋଇସିଂହା ପୋଲିସ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ମଙ୍ଗଳବାର ପବିତ୍ରଙ୍କ ମା'ବାପା, ବଡଭାଇ ଥାନାକୁ ଆସିଥିଲେ। ବରଗଡରରୁ ସ୍କୁଟିରେ ରାୟପୁର ସ୍କୁଟିରେ ଚାଲିଯାଇଥିଲେ। ସେଠାରେ ସ୍କୁଟି ଚୋରି ହୋଇଯାଇଥିବା ପବିତ୍ର କହିଥିଲେ। କେଉଁ କାରଣରୁ ରାୟପୁର ଗଲେ ତାହା ସେ ସ୍ପଷ୍ଟ କରି ନାହାନ୍ତି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଅତାବିରା/ଜାମଟିକ୍ରା,(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ବା କଲେଜରେ ୮ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରାଧ୍ୟାପିକା ଡଃ ଅମୃତା ସାମନ୍ତ, ପରିଚାଳକ ହରିଶ ପାତ୍ର, ଟ୍ରେନର ସୁଜାତା ଭୋଇ, ଅଧ୍ୟାପକ ସରୋଜ କୁମାର ନାୟକ, ଅଧ୍ୟାପକ ପବିତ୍ର ମାହାଣା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏଥିରେ ୨୧୩ଜଣ ଛାତ୍ରୀ ତାଲିମ ନେଇଥିଲେ।

## ସଂକ୍ଷେପରେ

### ୭୫ଜଣ କୃତ୍ରିମ ହାତଗୋଡ଼ ଲଗାଇଲେ

ଡୁଙ୍ଗୁରିପାଲି,୨୬।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାରୱାଡି ଯୁବାମଞ୍ଚ ପକ୍ଷରୁ ଚାଲିଥିବା ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଯୁବାମଞ୍ଚ ସଭାପତି ରାକେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଯୁବାମଞ୍ଚର ପୂର୍ବତନ ରାଜ୍ୟ ସଭାପତି ରିଙ୍କୁ ଅଗ୍ରୱାଲ, ସାମାଜିକ କର୍ମୀ ରମେଶ ପୂଜାରୀ, ମାରୱାଡି ସମାଜ ଉପସଭାପତି ବଜରଙ୍ଗ ଅଗ୍ରୱାଲ, ପୂର୍ବତନ ରାଜ୍ୟ ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ଯୁବାମଞ୍ଚ ରାଜ୍ୟସ୍ତରୀୟ ମହାମନ୍ତ୍ରୀ ଉବିନ୍ତ ଅଗ୍ରୱାଲ, କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ରାଜ୍ୟସ୍ତରୀୟର ସଂଯୋଜକ ସଚିନ ଶର୍ମା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଶିବିରରେ ୭୫ ଭିନ୍ନକ୍ଷମଙ୍କ କୃତ୍ରିମ ହାତଗୋଡ ଲଗାଯାଇଥିଲା । ଦୁଇ ଜଣଙ୍କୁ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା ।

### ଏସ୍‌ଏଚ୍‌ଜି ମହିଳାଙ୍କୁ କୁକୁଡ଼ା ଚିଆଁ ବଣ୍ଟନ

ଅମରପାଲି,୨୬।୪ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ମଙ୍ଗଳବାର ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ମାଗଣା କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି। ବ୍ଲକର ୧୫ ପଞ୍ଚାୟତର ୨୮ଶହ ସ୍ୱୟଂ ସହାୟକ ଗୋଷ୍ଠୀକୁ ଶାଶୋ ପ୍ରଜାତିର କୁକୁଡା ଚିଆଁ ବଣ୍ଟନ କରାଯାଇଥିଲା। ବୀରମହାରାଜପୁର ପ୍ରାଣୀ ଚିକିତ୍ସାଳୟ ଯୋଜନା ଓ ସମନ୍ୱୟ ଦାୟିତ୍ୱରେ ଥିବା ଡାକ୍ତର ସ୍ୱାଗତିକା ମିଶ୍ର କୁକୁଡ଼ା ଚିଆଁ ବଣ୍ଟନ କରିଥିଲେ। ଉପକଣ୍ଠ ପ୍ରାଣୀ ଚିକିତ୍ସାଧିକାରୀ ଅଜୟ କୁମାର ସାହୁ, ବିଭିଓ ଡାକ୍ତର ଚୌଧୁରୀ ଉପସ୍ଥିତ ଥିଲେ।

### ଜହ୍ନାପଡାରେ ଯୋଗ ଶିବିର

ଜାମଟିକ୍ରା,୨୬।୪(ଡି.ଏନ୍.ଏ): ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଜହ୍ନାପଡା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ମଙ୍ଗଳବାର ସକାଳେ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଯୋଗ ସାଧକ ହିମାଂଶୁ ବିଶି, ଦେଶବୁଲି ସେଟ, ବର୍ଷାରାଣୀ ସେଟ, ବଂଶିକା ମାଝି, ଲିସା ସେଟ, ଶିବ ସେଟ, ଇସିକା ସେଟ, ଆଶା କର୍ମୀ ବନିତା ସେଟ, ଶାନ୍ତିଲତା ବିଶି ଏବଂ ଡାକ୍ତର ପ୍ରଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପଶ୍ଚିମ ଓଡିଶାର ବରିଷ୍ଠ ଯୋଗ ପ୍ରଶିକ୍ଷକ ଚିନ୍ମୟ ଗଡତିଆ ଯୋଗଦେଇ ବିଭିନ୍ନ ପ୍ରକାରର ଯୋଗ ଶିକ୍ଷା ଦେଇଥିଲେ ।

### ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ପଦ୍ମପୁର ଗସ୍ତ

ପଦ୍ମପୁର,୨୬।୪(ଡି.ଏନ.ଏ): ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ମଙ୍ଗଳବାର ପଦ୍ମପୁର ଗସ୍ତ କରିଥିଲେ। ସେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଉନ୍ନୟନ କାମର ସମୀକ୍ଷା ବେଳେ ଅଧ୍ୟକ୍ଷ ତ୍ରିପାଠୀ ସନ୍ତୋଷଜନକ ଉତ୍ତର ନ ପାଇ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କ୍ଷୁବ୍ଧ ହୋଇଥିବା ସାଧାରଣରେ ଆଲୋଚନା ହେଉଛି ।

# ଇ-ନାମ୍ ମାର୍କେଟକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୬।୪

## ଜାତୀୟ କୃଷି ବଜାର ସଚେତନତା ଶିବିର



ଇ-ନାମ୍ ମାର୍କେଟ୍ ସଚେତନତା ଶିବିରରେ ଉପସ୍ଥିତ ଅତିଥିବୃନ୍ଦ ।

ଭାରତ ସରକାରଙ୍କ କିଶାନ ଭାଗିଦାରୀ ପ୍ରାଥମିକତା ହମାରି କାର୍ଯ୍ୟକ୍ରମ ଅବସରରେ ଜାତୀୟ କୃଷି ବଜାର ପ୍ରତିଷ୍ଠାର ସୁରକ୍ଷା ପାଇଁ ମଙ୍ଗଳବାର ଜାତୀୟ କୃଷି ବଜାର ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କୃଷକ ବଜାର ପରିସରରେ ଆସିଷ୍ଟାଣ୍ଟ କଲେକ୍ଟର ତଥା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସଦାକର କୁମ୍ଭାରଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବରଗଡ଼ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଉପ ସହକାରୀ ସମବାୟ ନିବନ୍ଧକ ଦୁର୍ଗାପ୍ରସାଦ ଛୁରିଆ ଯୋଗଦେଇ ଇ-ନାମ୍ ମାର୍କେଟର ଗତି, ପ୍ରଗତି, ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ନାବାର୍ଡ଼ର ସହକାରୀ ମହାପ୍ରବନ୍ଧକ ହଟକିଶୋର ବେହେରା ସାମ୍ପ୍ରତିକ ସମୟରେ ଇ-ନାମ୍ ମାର୍କେଟ୍‌ର ଆବଶ୍ୟକତା ଉପରେ ଆଲୋକପାତ କରି କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ଓ ବିକ୍ରୟ ସକାଶେ ସରକାରଙ୍କ ଆର୍ଥିକ ସହାୟତା ଉପରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ମ୍ୟାନେଜର ଶଙ୍କର ଚଲାନ ଅତିଥି ଭାବେ ଯୋଗଦେଇ କୃଷିଜାତ ଦ୍ରବ୍ୟ ବିପଣନରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଭୂମିକା, ଜାତୀୟ କୃଷି ବଜାରରେ ସଂଶ୍ଳିଷ୍ଟତା ଉପରେ ଅବଗତ କରିଥିଲେ। ବରଗଡ଼ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଉଦ୍ୟାନ କୃଷିର ସୁବିପଣନ, ବଳକା କୃଷିଜାତ ଦ୍ରବ୍ୟକୁ ଜାତୀୟ କୃଷି ବଜାରରେ ସାମିଲ, କ୍ରପ୍ ଡାଇଭର୍ସନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓରମାସ୍‌ର ଡେପୁଟି ସିଇଓ ରାଜଗୋପାଳ ଦାଶ ଶିବିରରେ ଯୋଗଦେଇ ଫାର୍ମର୍ସ ପ୍ରଡ୍ୟୁସର୍ସ କମ୍ପାନୀ, ଫାର୍ମର ପ୍ରଡ୍ୟୁସର ସଙ୍ଗଠନ ଗଠନ, ଜାତୀୟ କୃଷି ବଜାରର ଆଗାମୀ ଦିନରେ ସଫଳତା ସକାଶେ ସେମାନଙ୍କ ସକ୍ରିୟ ଭୂମିକା, ଆରଏମ୍‌ସି କର୍ମଚାରୀଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ କୁମ୍ଭାର ଇ-ନାମ୍ ମାର୍କେଟ୍‌ର ଲକ୍ଷ୍ୟ, ଉଦ୍ଦେଶ୍ୟ, ପଦ୍ଧତି, ଷ୍ଟକ୍ ହୋଲଡରଙ୍କ ସକ୍ରିୟ ଅଂଶଗ୍ରହଣ ସମ୍ପର୍କରେ ସୂଚନା ଦେଇଥିଲେ। ମଣ୍ଡି ଆନାଲିଷ୍ଟ ଦେବାଶିଷ ପାଣିଗ୍ରାହୀ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା, ଟ୍ରେଡର୍ସ ପଞ୍ଜୀକରଣ, ଏଫ୍‌ପିଓ ପଞ୍ଜୀକରଣ ପ୍ରକ୍ରିୟା ଓ ପଦ୍ଧତି ଉପରେ ଅବଗତ କରିଥିଲେ। ଚାଷୀ, ବ୍ୟବସାୟୀ, ଟ୍ରାନ୍ସପୋର୍ଟ ଏଜେନ୍ସି, ଏଫ୍‌ପିଓ ସମସ୍ତେ ଏହି ଅନଲାଇନ ମାର୍କେଟିଂ ସିଷ୍ଟମରେ ଲାଭାନ୍ୱିତ ହେବା ସମ୍ଭାବନା ଥିବାରୁ ଏହାର ସଫଳତା, ଠିକ୍ କାର୍ଯ୍ୟକାରିତା ଉପରେ ଅତିଥି ଓ ଅଧିକାରୀମାନେ ହୃଦବୋଧ କରିଥିଲେ। କୃଷି ଉତ୍ପାଦନ ସଙ୍ଗଠନର କାର୍ଯ୍ୟକାରୀ ସଭ୍ୟ କେଦାର ମିଶ୍ର ଯୋଗଦେଇ ଜାତୀୟ କୃଷି ବଜାରର ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ନ୍ୟୁ ଲାଇଫ ଫାଉଣ୍ଡେଶନର ଅଧ୍ୟକ୍ଷ କଳାକାହ୍ନୁ ଦୀପ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ବିଜୟ ରାଉତ, ଗିରିଧାରୀ ମହାକୁର, ଅନିଲ କାନ୍ତ, ଉଦୟ ବାଗ, ପି. ଉମାପତି ରେଡ୍ଡି ପ୍ରମୁଖ ସହଯୋଗ କରିଥିଲେ।

## କୃଷିକ୍ଷେତ୍ରରେ ବରଗଡ଼କୁ ସର୍ବୋତ୍ତମ ପୁରସ୍କାର

ବରଗଡ଼ ଅଫିସ୍,୨୬।୪

ଇଣ୍ଡିଆ ଟୁଡ଼େ ମ୍ୟାଗାଜିନ ତରଫରୁ ବିଭିନ୍ନ ରାଜ୍ୟରେ ବିକାଶର ସୂଚକାଙ୍କକୁ ନେଇ ସର୍ଭେ କରାଯାଇଥିଲା। ବିଗତ ୫ବର୍ଷର ଅର୍ଥନୀତି, ଭିତ୍ତିଭୂମି ସମ୍ପ୍ରସାରଣ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଆଇନଶୃଙ୍ଖଳା, ସାମାଜିକ ନିରାପତ୍ତା, ନାରୀଶିକ୍ଷା, ଦକ୍ଷତା ବିକାଶ, ସ୍ୱଚ୍ଛତା, ଡିଜିଟାଲ କଭରେଜ୍, ଉଦ୍ୟମିତା ଆଦି ସୂଚକାଙ୍କକୁ ନେଇ ଓଡ଼ିଶାରେ କରାଯାଇଥିବା ସର୍ଭେ ଅନୁଯାୟୀ ବରଗଡ଼ ଜିଲା କୃଷିକ୍ଷେତ୍ରରେ ସର୍ବୋତ୍ତମ ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଉନ୍ନତମାନର ପ୍ରଦର୍ଶନ ପାଇଁ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୯ତାରିଖରେ ଇଣ୍ଡିଆ ଟୁଡ଼େ ପକ୍ଷରୁ ଭୁବନେଶ୍ୱର କିଟ୍‌ସ ଅଡ଼ିଟୋରିୟମରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି ।

# ନିର୍ଯାତିତା ମହିଳାଙ୍କ ଧାରଣା

ସୋନପୁର,୨୬।୪(ନି.ପ୍ର.)

ସୁବର୍ଣ୍ଣପୁର ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ନେତୃତ୍ୱରେ ନିର୍ଯାତିତା ମହିଳାମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତରଭା ଥାନା ବଲାଡି ପଞ୍ଚାୟତ କୁମରପାଲିର ଶାରଦା କଲତା, ବୀରମହାରାଜପୁର ଥାନା ବାଗବର ଗ୍ରାମର ଅନୁସୟା ପଧାନ ଓ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଛେଲବାହାଲ ଗ୍ରାମର ସୁଜାତା ପଧାନ ନିଜ ପିଲା ଛୁଆ ଓ ପରିବାରବର୍ଗଙ୍କୁ ଧରି ଧାରଣାରେ ବସିଥିଲେ। ସେମାନେ ଅଭିଯୋଗ କରିଛନ୍ତିଯେ, ତାଙ୍କ ସ୍ୱାମୀମାନେ ଦ୍ୱିତୀୟ ବିବାହ କରିଛନ୍ତି। ଏହି ବିବାହକୁ ଏକ ଅନୁଷ୍ଠାନ ପ୍ରୋତ୍ସାହନ ଦେଉଛି। ମାତ୍ର ସେମାନଙ୍କ ବିରୋଧରେ ପ୍ରଶାସନ କିମ୍ବା ସ୍ଥାନୀୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ତେଣୁ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ଜିଲାପାଳଙ୍କ ଜରିଆରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏହି ସ୍ମାରକପତ୍ର ଗ୍ରହଣ କରିଥିଲେ। ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ଜ୍ୟୋତିର୍ମୟୀ ରଥ, ନୁର ବେଗମ, ବୈଜୟନ୍ତୀ ମହାରଣା, ମଦିନା ବିବି, ଜିଲା ଡୁମାଲ ଯୁବ ପରିଷଦର ଅଶ୍ୱିନୀ କୁମାର ମହାକୁର ଓ ଲକ୍ଷ୍ମଣ କୁମାର ବଡ଼ିଆ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ ।

# ଦୀକ୍ଷାନ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ



କଳାକାରମାନେ ଦଣ୍ଡନୃତ୍ୟ ପରିବେଷଣ କରୁଛନ୍ତି।

ସୋନପୁର, ୨୬।୪(ନି. ପ୍ର )

ସୁବର୍ଣ୍ଣପୁରର ଅଗ୍ରଣୀ ଅନୁଷ୍ଠାନ ପାଏଁରୀରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଚାଲିଥିବା ଦୀକ୍ଷାନ୍ତ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ କଳାକାରମାନେ ଅଂଶଗ୍ରହଣ କରିଥିଲେ। ଜଣେ ଗୁରୁ ଓ ଦଶ ଜଣ ଶିଷ୍ୟ ଏଥିରେ କଳା ପଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମଦ୍ୱାରା ଲୁପ୍ତ ହେବାକୁ ଥିବା ଷୋହଳ ସୁଆଙ୍ଗ ଦଣ୍ଡନୃତ୍ୟ ଲୋକକଳା ପୁନରୁଦ୍ଧାର ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି । ଏହି କାର୍ଯ୍ୟକ୍ରମକୁ ପାଏଁରୀର ସମ୍ପାଦକ ଚୌଧୁରୀ ବିଭାର ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଭ୍ୟମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପାଇଁ ବିଶେଷ ସହଯୋଗ କରିଥିବା ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ପ୍ରବୋଧ କୁମାର ରଥଙ୍କୁ କଳାକାରଙ୍କ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

# ଗ୍ରୀଷ୍ମ ପ୍ରବାହ: ଅସ୍ତବ୍ୟସ୍ତ ଜନଜୀବନ

ଅମରପାଲି,୨୬।୪(ଡି.ଏନ.ଏ)


ଖରା ଯୋଗୁଁ ବୀରମହାରାଜପୁର ମୁଖ୍ୟ ଛକ ଶୂନଶାନ।

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅସ୍ତବ୍ୟସ୍ତ ହୋଇପଡିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ଜନଜୀବନ। ସକାଳ ୮ଟାରୁ ଘରୁ ବାହାରି ହେଉନାହିଁ। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ସ୍ଥିତି ରହୁଛି। ଏହା ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଲୋଭୋଲଟେଜ ପରିସ୍ଥିତିକୁ ଅଧିକ ସଙ୍ଗୀନ କରି ପକାଉଛି। ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପାନୀୟ ଜଳାଭାବ ପାଇପ ଜଳଯୋଗାଣ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। କାଁ ଭାଁ କେତୋଟି ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ବେଳେ ପ୍ରାୟତଃ ଅଧିକାଂଶ ଗ୍ରାମର ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି। ଅମରପାଲି, ବହଳପଦର, ସଂଗ୍ରାମପୁର, ମୁର୍ଷୁଣ୍ଡୀ, ସୁବଳୟା, ମସିଣାପାଲି, ସାଗଯୋରୀ, ବିକଳପୁର, ଲକ୍ଷ୍ମୀ, କମିରା ଆଦି ଗ୍ରାମର ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି। ଅନେକ ସ୍ଥାନରେ ନଳକୂପ କାର୍ଯ୍ୟକ୍ଷମ ନାହିଁ। ଅଭିଯୋଗ କଲେ ମଧ୍ୟ ନଳକୂପ ମରାମତି କରାଯାଉନାହିଁ। ପାରମ୍ପରିକ ଜଳଉତ୍ସ ସବୁ ଶୁଖି ଯାଇଥଇବାରୁ ଗୃହପାଳିତ ପ୍ରାଣୀ ପାଣି ପାଇଁ କଲବଲ ହେଉଛନ୍ତି। ପ୍ରଚଣ୍ଡ ଖରା ଯୋଗୁଁ ଅଞ୍ଚଳରେ ଅଂଶୁଘାତ ଆଶଙ୍କା ଦେଖା ଯାଇଛି। ପ୍ରଶାସନ ପକ୍ଷରୁ ଏଯାଏ ଏହାର ମୁକାବିଲା ପାଇଁ କୌଣସି ପଦକ୍ଷେପ ନିଆ ଯାଇ ନ ଥିବା ଦେଖିବାକୁ ମିଳୁଛି।

## ଶତାୟୁଙ୍କ ପରଲୋକ

ଜାମଟିକ୍ରା,୨୬।୪(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ମହୁଖଣ୍ଡ ଗ୍ରାମର ଶତାୟୁ ପୁରୁଷ ଗଜରାଜ କର୍ଣ୍ଣଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୧୦୦ବର୍ଷ ହୋଇଥିଲା। ବଡ଼ପୁଅ ଅକ୍ଷୟ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଚନ୍ଦ୍ରଶେଖର ପାଠାଗାର ପ୍ରାକ୍ତନ ସଭାପତିଙ୍କ ପରଲୋକ

ସୋନପୁର,୨୬।୪(ନି. ପ୍ର )


ଅଶୋକ ମିଶ୍ର

ସୁବର୍ଣ୍ଣପୁରର ସହର ଥନାପତିପଦା ସ୍ଥିତ ଚନ୍ଦ୍ରଶେଖର ପାଠାଗାରର ପ୍ରାକ୍ତନ ସଭାପତି ଓ ମା ଭଗବତୀ ପୀଠ ମ୍ୟାନେଜିଙ୍ଗ କମିଟିର ପ୍ରାକ୍ତନ ସଭାପତି ଅଶୋକ ମିଶ୍ର(୫୭)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ମିଶ୍ର ସୋନପୁର କଲେଜରୁ ଇଂଲିଶରେ ସ୍ନାତକୋତ୍ତର ହାସଲ କରିଥିଲେ। ଚନ୍ଦ୍ରଶେଖର ପାଠାଗାର ଓ ଭଗବତୀ ମନ୍ଦିରର ପରିଚାଳନା କମିଟିରେ କିଛି ବର୍ଷ ନେତୃତ୍ୱ ସହ ସୋନପୁର କଲେଜର ବିକାଶମୂଳକ କାର୍ଯ୍ୟ କରିଥିଲେ। ରାମେଶ୍ୱର ଶ୍ମଶାନ ଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଭ୍ରାଇଁ ସନ୍ତୋଷ ମିଶ୍ର ମୁଖାଗ୍ନି ଦେଇଥିଲେ। ପ୍ରାକ୍ତନ ପୌରାଧକ୍ଷ ପ୍ରକାଶ ସାହୁ, କଇରୁ ସ୍ୱାଇଁ, ଅଭିମନ୍ୟୁ କୁଶଳଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମିଶ୍ରଙ୍କ ଅନ୍ତିମ ଦର୍ଶନ କରିଥିଲେ।

# କଟା ଚାଲିଛି ରାସ୍ତାପାର୍ଶ୍ୱ ବୃକ୍ଷ

ବିନିକା,୨୬।୪(ଡି.ଏନ୍.ଏ.)

## ବିଦ୍ୟୁତ୍ ବିଭାଗର ମନମୁଖି କାର୍ଯ୍ୟ

ବିଦ୍ୟୁତ୍ ସରବରାହରେ ସମସ୍ୟା ଉପୁଜୁଥିବା ଦର୍ଶାଇ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ରାସ୍ତାପାର୍ଶ୍ୱରେ ଲଗାଯାଇଥିବା ଗଛଗୁଡିକ ଅବାଧରେ କଟାଯାଉଛି । କୌଣସି କାରଣରୁ ତଳକୁ ନଇଁ ପଡିଥିବା ବିଦ୍ୟୁତ୍ ତାର ନ ଟାଣି ଗଛ ଯୋଗୁ ଲାଇନ ବ୍ୟାହତ ହେଉଥିବା ଦର୍ଶାଯାଉଛି । ଏହି ଆଳରେ ତାର ନିକଟରେ ଥିବା ଗଛ ଯେତିକି କାଟିଲେ ଚଳିବ ନ କାଟି ମନଇଛା କଟାଯାଉଛି। ଫଳରେ ରାସ୍ତାପାର୍ଶ୍ୱ ଶୀତଳତା ଓ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି । ଏହାଛଡା ଖରାଦିନେ ପ୍ରବଳ ଗରମ ଓ ଟାଣ ଖରା ଯୋଗୁ ରାସ୍ତାରେ ଯାଉଥିବା ଲୋକେ ଛାଇ ନ ପାଇ ହନ୍ତସନ୍ତ ହେଉଛନ୍ତି।

ଅପରପକ୍ଷରେ ବାୟୁ ପ୍ରଦୂଷଣ ରୋକିବା ତଥା ସବୁଜ ସୁନ୍ଦର ପରିବେଶ ଲାଗି ସହର ଓ ଗ୍ରାମାଞ୍ଚଳ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରତିବର୍ଷ ବୃକ୍ଷରୋପଣ ହେଉଛି। ବିନିକା ଅଞ୍ଚଳରେ ରାସ୍ତା ପାର୍ଶ୍ୱରେ ମଧ ବହୁ ମୂଲ୍ୟବାନ ଗଛ ଲଗାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ବିନିକା ବନାଞ୍ଚଳ ଅଧୀନ ୧୬ ଗ୍ରାପର ବିଭିନ୍ନ ଗ୍ରାମ ମୁଖ୍ୟରାସ୍ତା ସହିତ ବିନିକା-ସୋନପୁର, ବିଶାଳପାଲି-ଅରିଗାଁ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ ହୋଇଥିଲା। ତେବେ ସେଥିରେ ପାଣି ସିଞ୍ଚନ ହେଉନି କିମ୍ବା ତଦାରଖ କରାଯାଉନାହିଁ । ବିନିକା ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ରାସ୍ତାପାର୍ଶ୍ୱ ବୃକ୍ଷ କଟା ଉପରେ ଲଗାମ ଲଗାଇବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ସିଂଘିଯୁବା ଫରେଷ୍ଟର ଲିଙ୍ଗରାଜ ନାୟକଙ୍କୁ ପଚାରିବାରୁ ଗଛ ଲଗାଇବାର ୨ବର୍ଷ ଯାଏ ଚାରାରେ ପାଣି ସିଂଚନ କରିବା କଥା। ତେବେ ଗତ ୬ମାସ ହେଲା ମୁଁ ଏଠାରେ ଯୋଗଦେଇଥିବାରୁ କିଛି ଜାଣିନାହିଁ। ଅପରପକ୍ଷରେ ବିଦ୍ୟୁତ୍ ବିଭାଗ ଗଛ କାଟିବା ପୂର୍ବରୁ ବନ ବିଭାଗ ଅନୁମତି ନେବା କଥା ବୋଲି କହିଛନ୍ତି। ବିନିକା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରଶ୍ମିରଞ୍ଜନ ଜେନାଙ୍କୁ ଏ ନେଇ ପଚାରିବାରୁ ବ୍ୟସ୍ତ ଥିବା କହି ଫୋନ କାଟି ଦେଇଥିଲେ।

# ମିଶନ ଶକ୍ତି କାର୍ଯ୍ୟାଳୟ କର୍ମଚାରୀଙ୍କ ଡେପୁଟେଶନକୁ ବିରୋଧ


ଏସ୍‌ଏଚ୍‌ଜି ସଦସ୍ୟାମାନେ ଦାବିପତ୍ର ଦେବାକୁ ସିଡିପିଓ କାର୍ଯ୍ୟାଳୟ ଆସିଛନ୍ତି।

ଅମରପାଲି,୨୬।୪(ଡି.ଏନ.ଏ.)

ଆକ୍ରୋଶମୂଳକଭାବେ ମିଶନଶକ୍ତି ସଯୋଜିକା ଦୀପିକା ମିଶ୍ରଙ୍କୁ ଡେପୁଟେସନରେ ଅନ୍ୟ କାର୍ଯ୍ୟାଳୟକୁ ପଠାଇବା ଅଭିଯୋଗ କରି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମଙ୍ଗଳବାର ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତାଙ୍କୁ ଶୀଘ୍ର ଫେରାଇ ଆଣିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ମିଶନ ଶକ୍ତିରେ କାର୍ଯ୍ୟରତ ବ୍ଲକ ଅତିରିକ୍ତ ସଂଯୋଜକ ଓ ହିସାବ ରକ୍ଷକ ଥିବା ମିଶ୍ରଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଡେପୁଟେସନରେ ପଠାଇ ଦେଇଥିବାରୁ ମିଶନ ଶକ୍ତି କାର୍ଯ୍ୟାଳୟରେ ତାଲା ପଡିଛି। ଫଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ମିଶନ ଶକ୍ତି କାର୍ଯ୍ୟାଳୟରେ ଜଣେ ମାତ୍ର କର୍ମଚାରୀ ଥିବାବେଳେ ତାଙ୍କୁ ଡେପୁଟେସନରେ ପଠାଇ ଥିବା ଅଭିଯୋଗ କରିଛନ୍ତି।

# ଦୁଲ୍‌ଦୁଲି, ଘଣ୍ଟବାଦ୍ୟ, ଆତସବାଜିରେ ଝଲସିଲା ସହର

ବୌଦ୍ଧ,୨୬।୪(ସ୍ୱ.ପ୍ର.)

## ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରା

■ ୩୦ ଫୁଟର ରାବଣ ପୋଡି







ସାଂସ୍କୃତିକ ଅନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ମାରୁତୀମଣ୍ଡପଠାରେ ଦୀର୍ଘ ୧୮ ଦିନ ଧରି ଚାଲି ଆସୁଥିବା ବୌଦ୍ଧ ଗଡଜାତର ପ୍ରସିଦ୍ଧ ରାମଲୀଳା ଯାତ୍ରା ଅବସରରେ ମଙ୍ଗଳବାର ଦିନ ପରିବେଷଣ ହୋଇଛି ନାଟକ ରାବଣ ବଧ। ରାମଲୀଳା ଯାତ୍ରାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଲୀଳାକୁ ପର୍ଯ୍ୟାୟ କ୍ରମେ ରାମଜନ୍ମଠାରୁ ରାବଣ ବଧ ପର୍ଯ୍ୟନ୍ତ ନାଟକ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଅନୁଷ୍ଠାନର ଛୋଟ ବଡ କଳାକାରମାନେ କାଷ୍ଠା ଓ ନିଷ୍ଠାର ସହ ରହି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାମଲୀଳା ଯାତ୍ରାର ମୁଖ୍ୟ ଆର୍କଷଣ ହେଉଛି ରାବଧ ବଧ । ଯାହାକୁ ନେଇ ପୁରା ସହର ଉତ୍ସବମୁଖର ହୋଇପଡିଛି । ବୌଦ୍ଧ ସହର ନିକଟସ୍ଥ ଗ୍ରାମ ତେଲିବନ୍ଧ, କାଶଲପୁର, ଧୁଡୁରବାହାଲ, ପୋଲାମ, ଗୋବିନ୍ଦପୁର, ସରସରା, ବାମଣ୍ଡା, ବିରିଗଡ,କେଳାକଟା ଅଞ୍ଚଳରୁ ନଅ ଗୋଟି ରାବଣ ସୁସଜ୍ଜିତ ରଥରେ ବିରାଟ ପଟୁଆରରେ ଆସି ବୁଟୁପାଲି ଠାରେ ଥିବା ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରୁ ବୌଦ୍ଧର ମୁଖ୍ୟ ରାବଣ ରଥ ସହ ମିଶି ଯୁଦ୍ଧ ବାଦ୍ୟ ଓ ବିଭିନ୍ନ ସୁଆଙ୍ଗ ନୃତ୍ୟ ତାଳେ ତାଳେ ଯୁଦ୍ଧ ଯାତ୍ରା ଆରମ୍ଭ କରିଥିଲେ। ସମସ୍ତ ରାବଣ ରଥ ସେଠାରୁ ଜିଲା ଷ୍ଟାଡିୟମଠାରେ ହୋଇଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ପହଞ୍ଚି ଥିଲା। ଏପଟେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରଥ ସହ ବାନର ସେନା ରାମେଶ୍ୱର ମନ୍ଦିର ଠାରୁ ବାହାରି ସହରର ପୁରୁଣା ବ୍ଲକ ଛକ, ଡେଲିମାର୍କେଟ, ପୋଡାପୋଡା, ନୂଆସାହି ଦେଇ ଜିଲା ଷ୍ଟାଡିୟମଠାରେ ପହଞ୍ଚିଥିଲା। ସେଠାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀରାମ ଓ ବାନର ସେନା ସହିତ ଦଶଗୋଟି ରାବଣ ମଧ୍ୟରେ ପ୍ରଥମ ସମର ହୋଇଥିଲା। ଏହି ଅବସରରେ ସେଠାରେ ଆତସବାଜି ଫୁଟା ଯିବା ସହ ଅନୁଗୋଳର ମେଲଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରୁ ଉଭୟ ରଥ ସହରର ଅଲଗା ଅଲଗା ରାସ୍ତା ଦେଇ ବାଘଗୁଡା ଛକ ଠାରେ ପହଞ୍ଚି ଥିଲା। ସେଠାରେ ଉଭୟ ସେନା ମଧ୍ୟରେ ଦ୍ୱିତୀୟ ମହାସମର ଅନୁଷ୍ଠିତ ହୋଇଥିଲା। ଏହାସହିତ ଆତସବାଜି ଓ ସମ୍ବଲପୁରର ମେଲଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରୁ ଉଭୟ ଶ୍ରୀରାମଚନ୍ଦ୍ରଙ୍କ ରଥ ଓ ରାବଣ ରଥ ଯାତ୍ରା ପଡିଆ ମାରୁତି ମଣ୍ଡପ ଠାରେ ପହଞ୍ଚି ଥିଲା । ସେଠାରେ ସମସ୍ତ ରାବଣ ସହିତ ପ୍ରଭୁ ଶ୍ରୀରାମଙ୍କ ଯୁଦ୍ଧ ହୋଇଥିଲା। ବିଭିନ୍ନ ରଙ୍ଗବେରଙ୍ଗର ଆତସବାଜିରେ ଯାତ୍ରା ପଡିଆ ଝଲସି ଉଠିଥିଲା। ପରେ ରାବଣ ବଧ ନାଟକ ପରିବେଷଣ ହୋଇଥିଲା। ଏହି ଅବସରରେ ୩୦ ଫୁଟ ଉଚ୍ଚର ଦଶମୁଣ୍ଡ ବିଶିଷ୍ଟ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରାଯାଇ ରାବଣ ପୋଡି କରାଯାଇଥିଲା। ଯାତ୍ରା ପଡିଆରେ ଅନୁଷ୍ଠାନର ସଭାପତି ତଥା ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ପ୍ରଦିପ ଅମାତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗ ଦେଇଥିଲେ। ଅନୁଷ୍ଠାନର ସଂପାଦକ ମନୋଜ ସାହୁ ବିବରଣୀ ପାଠ କରିଥିଲେ। ସମର ଶୋଭାଯାତ୍ରାରେ ବଲାଙ୍ଗୀର ଓ ବରଗଡର ଘଣ୍ଟବାଦ୍ୟ ଦୁଲଦୁଲି, ଗଞ୍ଜାମର ବାଘନୃତ୍ୟ, ଦଶବତାର, ଅନୁଗୋଳର ଭାଙ୍ଗଡା, ବୌଦ୍ଧର ଦୁଲଦୁଲି, ଦଣ୍ଡନୃତ୍ୟ, ପତରସଉରା ଓ ବିଭିନ୍ନ ଅଞ୍ଚଳର ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଜନଗହଳିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଏହି ଯୁଦ୍ଧକୁ ଦେଖିବାକୁ ଜିଲା ଓ ଜିଲା ବାହାରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ରାମଲୀଳା ଯାତ୍ରା ବୁଧବାର ଉଦ୍‌ଯାପିତ ହେବା ସହ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହେବ।